ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୃଫୈଷୟିକ ଫିଶ୍ୱଫିଦୟା⁝ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 27-02-2026**

**ଜଗତସିଂହପୁର(ଓଡିଶା) - :2026-02-27 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-02-28 | 2026-03-01 | 2026-03-02 | 2026-03-03 | 2026-03-04 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 32.0 | 33.0 | 34.0 | 34.0 | 35.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 22.0 | 23.0 | 23.0 | 20.0 | 21.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 92 | 92 | 90 | 92 | 91 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 35 | 39 | 40 | 37 | 35 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 8 | 9 | 11 | 12 | 11 |
| ପବନର ଦିଗ (ଡିଗ୍ରୀ) | 221 | 212 | 211 | 218 | 218 |
| ମେଘାଚ୍ଛନ (ଅକ୍ଟା) | 1 | 1 | 1 | 1 | 1 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୮ – ୧୨ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୨ - ୩୫ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୦ - ୨୩ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

କୌଣସି ଚେତାବନୀ ନାହିଁ ।

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ନାହିଁ |

### ସାଧାରଣ ଉପଦେଶ:

| |
|---|
| ଫେବୃୟାରୀ-ମାର୍ଚ ହେଉଛି ଝୁଡଙ୍ଗ, ଗୁଆଁର, କଖାରୁ, କାକୁଡି ଏବଂ ତରଭୁଜ ଲଗାଇବାର ଉପଯୁକ୍ତ ସମୟ । ଅଧିକ ଅମଳକ୍ଷମ ଧାନ କିସମ ପାଇଁ ପିଲସାର ହିସାବରେ ଧାନ ରୋଇବାର 3 ସପ୍ତାହ ବେଳକୁ ଏକର ପ୍ରତି 35 କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । କାଜୁବାଦାମ ଫସଲରେ ଚେର ଏବଂ କାଣ୍ଡ ବିନ୍ଧା ପୋକ ର ନିବାରଣ ପାଇଁ କ୍ଷତିଗ୍ରସ୍ତ କିମ୍ବା ସୁଡଙ୍ଗ ହୋଇଥିବା ଗଛ ଛାଲ କୁ ହଟାଇ ଦିଅନ୍ତୁ (ଧ୍ୟାନ ରଖିବେ ଯେମିତି ଛାଲର ସର୍ବନିମ୍ନ ୫୦ ପ୍ରତିଶତ ରହିବ) । ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ବୃଦ୍ଧି ପାଉଥିବା ତାରତମ୍ୟ ମହିଷା ରୋଗ ର କାରଣ ହୋଇପାରେ । ମହିଷା ରୋଗର ଲକ୍ଷଣ ଦେଖାଗଲେ, ଶୁଖିଲା ପାଗ ଦେଖି ଏକର ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରାମ tebuconazole ୫୦% ସହିତ trifloxystrobin ୨୫% W.G. କିମ୍ବା isoprothiolane ୪୦ E.C. ୩୦୦ ମି.ଲି. ମିଶାଇ ସିଂଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉଥରେ ପ୍ରୟୋଗ କରନ୍ତୁ । ଆଳୁ ଲଗାଇବାର ୭୫-୮୫ ଦିନ ପରେ ଏହାକୁ ଅମଳ କରି ଦିଅନ୍ତୁ । ଆହୁରି ଯେମିତି ଧ୍ୟାନ ଦେବେ ଜମି ରେ ଅଧିକାଂଶ ପତ୍ର ଗୁଡିକ ହଳଦିଆ ରୁ ବାଦାମି ରଙ୍ଗ ହେଇଯାଇଥିବ । ଅମଳ କରିବାର ୧୫ ଦିନ ପୂର୍ବରୁ ଜଳସେଚନ କୁ ବନ୍ଦ କରି ଦିଅନ୍ତୁ । ସମସ୍ତ ଅମଳ କରା ଯାଇଥିବା ଆଳୁ କୁ ଛାଇ ରେ ୨୪ ଘଣ୍ଟା ପାଇଁ ରଖନ୍ତୁ । ସମସ୍ତ କ୍ଷତିଗ୍ରସ୍ତ ଏବଂ ପଚା ଆଳୁକୁ ଅଲଗା କରି ଦିଅନ୍ତୁ । ସୋରିଷ ଗଛରେ ଛୁଇଁ ଗୁଡିକ ହଳଦିଆ ବାଦାମି ରଙ୍ଗର ହୋଇ ପତ୍ର ଝଡିବା ଅବସ୍ଥା ରେ ସକାଳ ସମୟ ରେ ଗଛ କାଟନ୍ତୁ । ଡେରିରେ ଅମଳ କଲେ ମଞ୍ଜି ଗୁଡିକ ଝଡି ପଡିବାର ସମ୍ଭାବନା ରହିଥାଏ। ଗଛ କାଟି ସାରିବା ପରେ ବିଡା ବାନ୍ଧି ୫-୬ ଦିନ ଟାଣ ଖରା ରେ ଶୁଖାଇ ଅମଳ କରନ୍ତୁ। ଅମଳ କରି ସାରିବା ପରେ ମଞ୍ଜି ଗୁଡିକୁ ସାଇତି ରଖିବା ପାଇଁ ଭଲ ଭାବରେ ଖରା ରେ ଶୁଖାଇ ଜଳୀୟ ଅଂଶ ୮ ଶତକଡା ରଖନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଫେବୃୟାରୀ-ମାର୍ଚ ହେଉଛି ଝୁଡଙ୍ଗ, ଗୁଆଁର, କଖାରୁ, କାକୁଡି ଏବଂ ତରଭୁଜ ଲଗାଇବାର ଉପଯୁକ୍ତ ସମୟ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଜୀବାଣୁଜନିତ ପତ୍ରପୋଡା ରୋଗ ଜୀବାଣୁଜନିତ ପତ୍ରପୋଡା ରୋଗ ଦେଖାଦେଲେ ପ୍ରଥମେ ଆକ୍ରାନ୍ତ ଧାନ କିଆରି ରେ ପାଣି ଜମି ରହୁଥିଲେ ପାଣି କାଟି ଦିଅନ୍ତୁ। ବିଲ ରୁ ଅନାବନା ଘାସ ବାଛି ଦିଅନ୍ତୁ। ରୋଗ ଲାଗିଥିବା ସମୟ ରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ । ଏକର ପ୍ରତି ୬-୮ କିଲୋଗ୍ରାମ ମୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Copper Hydroxide ନାମକ ଔଷଧ କିମ୍ବା ୨୦୦ଗ୍ରାମ Plantomycin ସହିତ ୬୦୦ଗ୍ରାମ Copper Oxy Chloride ନାମକ ଔଷଧ, ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବିରି | ପାଉଁଶଁଆ ରୋଗ ବିରି ଏବଂ ମୁଗ ଫସଲ ରେ ପାଉଁଶଁଆ ରୋଗର ପରିଚାଳନା ପାଇଁ ଏକର ପ୍ରତି ୮୦୦ ଗ୍ରାମ Sulphur ନାମକ ଫିମ୍ପିନାଶକ କିମ୍ବା ୩୦୦ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Propiconazole ନାମକ ଫିମ୍ପିନାଶକ କିମ୍ବା ୧୦୦-ମିଲି Penconazole ନାମକ ଫିମ୍ପିନାଶକ ଯାହାକି, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ବାଦାମ | ଶୋଷକ ପୋକ ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ପତ୍ର ଉକୁଣିଆ ପୋକ ର ଆକ୍ରମଣ କମ ଦେଖା ଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ପୋକ ଆକ୍ରମଣ ଅଧିକ ଦେଖା ଦେଲେ ରାସାୟନିକ ଉପାୟରେ ଜଉ ଓ ପତ୍ର ଉକୁଣିଆ ପୋକ ର ପରିଚାଳନା ପାଇଁଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ମିଲି Imidacloprid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

### ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ଧଳାମାଛି ବାଇଗଣ ଓ ବିଲାତି ବାଇଗଣ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଆଠ ଯୁକ୍ତ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥା ରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମି.ଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳା ମାଛି ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦ ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦ ମିଲି Spiromesifen ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| | ଛୁଇଁବିନ୍ଧା ପୋକର ଦମନ ପାଇଁ ଏକର ପ୍ରତି ୮୦ ଗ୍ରାମ କ୍ରୀୟାଶୀଳ ସାଇପର ମେଥରିନ୍ 15 ଦିନ ଅନ୍ତରରେ 2 ଥର ପ୍ରୟୋଗ କରନ୍ତୁ I |
| କାକୁଡି | ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡି, କଲରା, ତରଭୁଜ ଆଦି ଫସଲ ରେ ନାଲି କଖାରୁ ପୋକ ଲାଗିବାର ସମ୍ଭାବନା ରହିଛି । ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Cyantraniliprole କିମ୍ବା ୬୦ମିଲି Imidacloprid କିମ୍ବା ୪୦୦ ମିଲି Chlorpyriphos ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ତରବୁଜ | ଉନ୍ନତ କିସମ ଯଥା ସୁଗାର ବେବି, ଅର୍କ ମାଣିକ, ଲାଲ ସୋନା ଓ ଶଙ୍କର ବା ହାଇବ୍ରୀଡ କିସମ ଯଥା ମାଧୁରୀ, ମାୟା, ସୁଇଟ ରୁବି, ବ୍ଲାକ ମ୍ୟାଜିକ ଓ ସୁଗାର ପ୍ୟାକ ଆଦି କିସମ ଲଗାନ୍ତୁ । ଏକ ଏକର ପାଇଁ ୪୦୦ ରୁ ୮୦୦ ଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମଞ୍ଜି ଲଗାଇବା ପୂର୍ବ ରୁ ପ୍ରତି କିଲୋଗ୍ରାମ ମଞ୍ଜି କୁ ୧ ଗ୍ରାମ carbendazim ରେ ବିଶୋଧନ କରନ୍ତୁ । |
| କଦଳୀ | ପାନାମା ଝାଉଂଳା ରୋଗ ପ୍ରତି ୧୦ଲିଟର ପାଣିରେ ୧୦ ଗ୍ରାମ Carbendazim ନାମକ ଫିମ୍ପିନାଶକ ମିଶାଇ ଏହି ଦ୍ରବଣରେ ପୁଆ ଗୁଡିକୁ ବୁଡାଇ ବିଶୋଧନ କରନ୍ତୁ । ପୁଆ ଲଗାଇବାର ୫ ମାସ ପରେ ପ୍ରତି ୨ ମାସରେ ଥରେ ପ୍ରତି ୧୦ଲିଟର ପାଣିରେ ୧୦ ଗ୍ରାମ ହିସାବରେ Carbendazim ନାମକ ଫିମ୍ପିନାଶକ ମିଶାଇ ଏହି ଦ୍ରବଣରେ ଗଛ ମଳୂମାଟିକୁ ଭଲ ଭାବରେ ଭିଜାନ୍ତୁ । ଏହି ରୋଗ ଲାଗିବାର ଦେଖାଦେଲେ ଗଛ କୁ କାଟି ପୋତି ଦିଅନ୍ତୁ କିମ୍ବା ଓପାଡି ଦିଅନ୍ତୁ । |

**ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଉଥିବା ରୁ ଗାଈଗୋରୁ ଙ୍କୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି ଲୁଣ ମିଶାଇ ଦିଅନ୍ତୁ । ଗାଈଗୋରୁ ମାନେ ଯେପରି ଛାଇ ସ୍ଥାନରେ ରହିବେ ସେଥି ପ୍ରତି ଦୃଷ୍ଟି ଦିଅନ୍ତୁ । |

**ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

| |
|---|
| ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**